**ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ,ଓଡ଼ିଶା**

**ପ୍ରଥମ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ ୟୁନିଟ୍ -୫, ଭୁବନେଶ୍ୱର**

# ରାଜ୍ୟ ହସ୍ତଶିଳ୍ପ ପୁରସ୍କାର-୨୦୨୧

ରାଜ୍ୟର ହସ୍ତଶିଳ୍ପ କାରିଗରମାନଙ୍କୁ ସେମାନଙ୍କ ଉତ୍କୃଷ୍ଟ କାରିଗରୀ କୃତି ପାଇଁ ସମ୍ମାନିତ କରିବା ନିମନ୍ତେ ରାଜ୍ୟ ସରକାର **ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ଓ "ଜୀବନ ବ୍ୟାପୀ ହସ୍ତଶିଳ୍ପ କୃତି ପୁରସ୍କାର** "ପ୍ରଦାନ କରି ଆସୁଛନ୍ତି | ଏହି କାର୍ଯ୍ୟକ୍ରମ ଅନୁଯାୟୀ ୨୦୨୧ ବର୍ଷ ପାଇଁ ରାଜ୍ୟର ହସ୍ତଶିଳ୍ପ କରିଗରମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି |

ଆବେଦନ ପ୍ରଣାଳୀ :

**୧ ଜୀବନ ବ୍ୟାପୀ ହସ୍ତଶିଳ୍ପ କୃତି ପୁରସ୍କାର** (Life Time Achievement Award)

ରାଜ୍ୟ ହସ୍ତଶିଳ୍ପ କାରିଗରମାନଙ୍କ ମଧ୍ୟରୁ ପ୍ରତି ବର୍ଷ ଏକ ଜଣଙ୍କୁ ତାଙ୍କର ହସ୍ତଶିଳ୍ପର ବିକାଶରେ ଅନବିଦ୍ୟ ଅବଦାନ ପାଇଁ ଜୀବନ ବ୍ୟାପୀ ହସ୍ତଶିଳ୍ପ କୃତି ପୁରସ୍କାର ପ୍ରଦାନ କରାଯାଏ | ଏଥି ନିମନ୍ତେ ଯୋଗ୍ୟ ହସ୍ତଶିଳ୍ପୀ ପ୍ରାର୍ଥୀ ମାନଙ୍କ ଠାରୁ ୨୦୨୧ ମସିହାର ପୁରସ୍କାର ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି |

ଏହି ପୁରସ୍କାରପାଇଁ ଯୋଗ୍ୟ ହସ୍ତଶିଳ୍ପ କରିଗରମାନେ ସେମାନଙ୍କ ତଥ୍ୟ ସହ ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ସମ୍ପୃକ୍ତ ଜିଲ୍ଲା ସହକାରୀ ହସ୍ତଶିଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ତା ୨୬.୧୦ .୨୦୨୨ ରିଖ ସୁଦ୍ଧା ଆବେଦନ କରିବାକୁ ଅନୁରୋଧ |

ପ୍ରାର୍ଥୀଙ୍କ ଯୋଗ୍ୟତା :-୧) ଓଡ଼ିଶାର କାରିଗର ହୋଇଥିବେ

୨) ବୟସ ସୀମା- ସର୍ବ ନିମ୍ନ ବୟସ ସୀମା ୬୦ ବର୍ଷ କିମ୍ବା ତଦୁର୍ଦ୍ଧ ହୋଇଥିବା ଆବଶ୍ୟକ |

ପୁରସ୍କାର ରାଶି: ଟ ୫,00 ,000 ଙ୍କା (ପାଞ୍ଚ ଲକ୍ଷ ଟଙ୍କା) ସହିତ ମାନପତ୍ର |

**୨ ରାଜ୍ୟ ହସ୍ତଶିଳ୍ପ ପୁରସ୍କାର**(State Handicraft awards)

ଇଚ୍ଛୁକ ହସ୍ତଶିଳ୍ପୀ ମାନେ ଉକ୍ତ ପ୍ରତିଯୋଗିତାରେ ଭାଗନେବା ନିମନ୍ତେ ନିର୍ଦ୍ଧାରିତ ଆବେଦନ ପତ୍ର ସହ ନିଜର କଳାକୃତି ନମୁନା ଓ ତତ୍ ସମ୍ବନ୍ଧୀୟ ସମସ୍ତ ପ୍ରମାଣ ପତ୍ର ଓ ସ୍ୱହସ୍ତ ନିର୍ମିତ କଳାକୃତିର ଫଟୋ (8"x10")ର ଦୁଇକିତା ନକଲ ଜିଲ୍ଲା ସହକାରୀ ହସ୍ତଶିଳ୍ପ ନିର୍ଦ୍ଦେଶକଙ୍କ କର୍ଯ୍ୟାଳୟରେ ୨୬.୧୦ .୨୦୨୨ . ମଧ୍ୟରେ ଦଖଲ କରିବା ଆବଶ୍ୟକ |

ଯୋଗ୍ୟତା :-୧) ପ୍ରାର୍ଥୀ ଓଡ଼ିଶାର କାରିଗର ହୋଇଥିବେ

୨) ସର୍ବନିମ୍ନ ବୟସ ସୀମା ୩୦ ବର୍ଷ କିମ୍ବା ତଦୁର୍ଦ୍ଧ ହୋଇଥିବ

୩) ପୂର୍ବରୁ କୌଣସି ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ପାଇ ନ ଥିବେ

୪) କୌଣସି ଏକ ପ୍ରତି କୃତି ଥରେ ପ୍ରଦାନ କରାଯାଇଥିଲେ, ଦ୍ୱିତୀୟ ଥର ତାହା ଅନ୍ୟ ହସ୍ତଶିଳ୍ପ ପୁରସ୍କାର ନିମନ୍ତେ ଗ୍ରହଣ କରାଯିବ ନାହିଁ|

୫) ଚୟନ ପ୍ରକ୍ରିୟା - ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ନିମନ୍ତେ ୫0 ଗୋଟି ହସ୍ତଶିଳ୍ପକୁ ୨ ଭାଗରେ ବିଭକ୍ତ କରାଯାଇଛି |

(କ) ବିଭାଗ- ପଥର ଖୋଦେଇ କାଠ ଖୋଦେଇ ପଟ୍ଟ ଓ ଟସର ଚିତ୍ର ,ରୂପା ତାରକାସୀ କାମ ଓ ତାଳପତ୍ର ଖୋଦେଇ |

(ଖ ) ବିଭାଗ – କ ବିଭାଗ ରେ ବର୍ଣ୍ଣିତ ହସ୍ତଶିଳ୍ପ ବ୍ୟତୀତ ଅବଶିଷ୍ଟ ୪୫ ଗୋଟି ହସ୍ତଶିଳ୍ପ |

କ' ବିଭାଗରୁ ୩ ଟି ହସ୍ତଶିଳ୍ପ ପ୍ରତିକୃତି ଓ ଖ' ବିଭାଗରୁ ୩ ଟି ହସ୍ତଶିଳ୍ପ ପ୍ରତିକୃତି ଚୟନ ମଣ୍ଡଳୀ ଦ୍ଵାରା ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ନିମନ୍ତେ ବଛାଯାଇ ସରକାର ଙ୍କ ନିକଟକୁ ଅନୁମୋଦନ ନିମନ୍ତେ ପ୍ରେରଣା କରାଯିବ |

ପୁରସ୍କାର ରାଶି : ଟ୧୦୦,୦୦୦ ଙ୍କା (ଏକ ଲକ୍ଷ ଟଙ୍କା) ସହିତ ପ୍ରମାଣ ପତ୍ର |

**୩. କଳାକୃତି ପୁରସ୍କର | ( Kalakruti Award)**

ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ନିମନ୍ତେ ଆବେଦନ କରିଥିବା ପ୍ରତିକୃତି ମାନଙ୍କ ମଧ୍ୟରୁ ୨ ଗୋଟି କ' ବିଭାଗରୁ ଓ ୨ ଗୋଟି ଖ' ବିଭାଗରୁ କଳାକୃତି ପୁରସ୍କର ନିମନ୍ତେ ଚୟନ କରାଯିବ |

ଯୋଗ୍ୟତା :- ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ସହ ସମାନ

ପୁରସ୍କାର ରାଶି : ଟ ୧୦,୦୦୦ ଙ୍କା ( ଦଶ ହଜାର ଟଙ୍କା ) ସହିତ ପ୍ରମାଣ ପତ୍ର |

**ବି.ଦ୍ର :** ଉପରୋକ୍ତ ପୁରସ୍କାର ଯୋଜନାରେ ଅଂଶ ଗ୍ରହଣ ପାଇଁ ଦରଖାସ୍ତ କରିବାର ଆବଶ୍ୟକ ଆବେଦନ ଫର୍ମ ଓ ସବିଶେଷ ତଥ୍ୟ ସମ୍ପୃକ୍ତ ସହକାରୀ ହସ୍ତଶିଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ମିଳିପାରିବ | ଅସମ୍ପୂର୍ଣ୍ଣ ଥିବା ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ |

ସ୍ଵା

ନିର୍ଦ୍ଦେଶକ, ହସ୍ତଶିଳ୍ପ, ଓଡ଼ିଶା